بِسۡمِ اللّٰہِ الرَّحۡمٰنِ الرَّحِیۡمِ

## ୫ ଜୁଲାଇ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ – ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ୍

**ବଦରୁଲ୍ ମୌଅଦ୍ ଯୁଦ୍ଧ ଏବଂ ଦୌମତୁଲ୍ ଜନ୍ଦଲ୍ ଯୁଦ୍ଧର ଅବସ୍ଥା ଓ ଘଟଣାବଳୀର ଚର୍ଚ୍ଚା । ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଦୁଆ କରିବାକୁ ଆହ୍ୱାନ ଏବଂ ନିଜ ଅସ୍ତିତ୍ୱ ରକ୍ଷା କରିବା ପାଇଁ ମୁସଲମାନମାନଙ୍କୁ ଏକ ହେବା ପାଇଁ ପ୍ରିୟ ହୁଜୁର ଅନୱର [ଅ.ବ]ଙ୍କର ତାଗିଦ୍ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହେମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ୱ ଇୟ୍ୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ଆଜି ମୁଁ ଦୁଇଟି ଯୁଦ୍ଧର ଚର୍ଚ୍ଚା କରିବି । ପ୍ରଥମ ବଦରୁଲ୍ ମୌଅଦ୍ ଯୁଦ୍ଧ, ଯାହାକି ୪ହିଜ୍‌ରୀରେ ଘଟିଥିଲା । ଏହାକୁ ଦ୍ୱିତୀୟ ବଦର୍ ଯୁଦ୍ଧ ଏବଂ କ୍ଷୁଦ୍ର ବଦର୍ ଯୁଦ୍ଧ ମଧ୍ୟ କୁହାଯାଏ । ହଜରତ ମୁହମ୍ମଦ[ସ.ଅ] ୪ହିଜ୍‌ରୀରେ ବଦର୍ ଅଭିମୁଖେ ପ୍ରସ୍ଥାନ କଲେ । କେତେକ ଇତିହାସବିତ୍ ମାସ ସଂକ୍ରାନ୍ତରେ ଏକମତ ନୁହନ୍ତି । ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] କୁହନ୍ତି; ସୱାଲ ମାସ ୪ହିଜ୍‌ରୀର ଶେଷ ପର୍ଯ୍ୟାୟରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଦେଢ଼ ହଜାର ସାହାବାଙ୍କ ସହିତ ମଦିନାରୁ ପ୍ରସ୍ଥାନ କରିଥିଲେ । ଉକ୍ତ ଯୁଦ୍ଧର କାରଣ ଏହା ଥିଲା କି ଅବୁ ସୁଫୟାନ୍ ବିନ୍ ହରବ୍ ୱହଦ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ କହିଥିଲା ଯେ, ଆସନ୍ତା ବର୍ଷ ଆମର ଓ ତୁମର ମୁହାଁମୁହିଁ ବଦ୍‌ରୁଲ୍ ସଫ୍‌ରା ସ୍ଥଳେ ହେବ, ଆମେ ସେଠାରେ ମୁକାବିଲା କରିବା । ହୁଜୁର[ସ.ଅ] ହଜରତ ଉମର୍ [ର.ଅ]ଙ୍କୁ ଏହାର ଉତ୍ତର ଦେବା ପାଇଁ କହିଲେ କି ତୁମେ କୁହ ! ଇନ୍‌ଶାଅଲ୍ଲାଃ । ଆଉ ଏକ ବର୍ଣ୍ଣନାନୁଯାୟୀ ହୁଜୁର[ସ.ଅ] ସ୍ୱୟଂ ତାହାର ଉତ୍ତରରେ ଇନ୍‌ଶାଅଲ୍ଲାଃ କହିଥିଲେ ।

ବଦର୍ ଅଞ୍ଚଳ ମକ୍କା ଓ ମଦିନା ମଧ୍ୟବର୍ତ୍ତୀ ଏକ ସୁପ୍ରସିଦ୍ଧ କୂପ । ଯାହାକି ମଦିନାର ଦକ୍ଷିଣ-ପଶ୍ଚିମ ଦିଗରେ ୧୫୦କି.ମି. ଦୂରତାରେ ଅବସ୍ଥିତ । ଅନ୍ଧକାରମୟ ଯୁଗରେ ଉକ୍ତ ସ୍ଥାନରେ ପ୍ରଥମ ଜିଲ୍ କାଆଦାଃ ଦିନରୁ ୮ଦିନ ଧରି ଏକ ବଡ଼ ମେଳା ଅନୁଷ୍ଠିତ ହେଉଥିଲା । ଯଦିଓ ଔପଚାରିକ ରୂପେ ଅବୁ ସୁଫୟାନ୍ ଯୁଦ୍ଧର ଘୋଷଣା କରିଦେଇଥିଲା କିନ୍ତୁ ଯେମିତି ଯେମିତି ଧାର୍ଯ୍ୟ ତାରିଖ ପାଖେଇ ଆସୁଥିଲା ଅବୁ ସୁଫୟାନ୍ ଯୁଦ୍ଧରୁ ବିରତ ରହିବାକୁ (ଚେଷ୍ଟା) କରୁଥିଲା । କିନ୍ତୁ ଏପରି ପ୍ରକାଶ୍ୟ କରୁଥିଲା ଯେମିତିକି ସେ ଏକ ବିଶାଳ ସେନାବାହିନୀ ସହିତ ଚଢ଼ାଉ କରିବାର ପ୍ରସ୍ତୁତି କରୁଅଛି । ଏଥି ନିମନ୍ତେ ସେ ନୁଏମ୍ ନାମୀ ଜଣେ ବ୍ୟକ୍ତିକୁ ୨୦ଟି ଓଟ ଦେବାର ପ୍ରଲୋଭନ ଦେଇ ମଦିନା ପ୍ରେରଣ କଲା । ସେ ମଦିନାରେ ପହଞ୍ଚି ସାହାବାମାନଙ୍କୁ (ଭୟଭୀତ କରିବା ଉଦ୍ଦେଶ୍ୟରେ) ଅବୁ ସୁଫୟାନର ଯୁଦ୍ଧ ପ୍ରସ୍ତୁତି ସଂକ୍ରାନ୍ତରେ ବହୁତ ବଢ଼ାଇ ଚଢ଼ାଇ ବ୍ୟାଖ୍ୟାନ କଲା ଏବଂ ମୁସଲମାନମାନଙ୍କୁ ଯୁଦ୍ଧରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେଲା । କିନ୍ତୁ ନିଷ୍ପାପର ସାହାବାମାନେ ତାହାର ଭ୍ରମାତ୍ମକ (କପୋଳକଳ୍ପିତ) ଫାସର ଶିକାର ହୋଇ ନଥିଲେ । **ବରଂ ତାହାକୁ ଏହା ସୁନିଶ୍ଚିତ କରିଦେଲେ ଯେ, ଆମେ ସଭିଏଁ ହଜରତ ମୁହମ୍ମଦ [ସ.ଅ]ଙ୍କ ସହିତ ମିଳିତ ଭାବରେ ଯୁଦ୍ଧକ୍ଷେତ୍ର ଅଭିମୁଖେ ବାହାରିଯିବୁ ।**

ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] କୁହନ୍ତି; ଯଦିଚ ଓ୍ୱହଦ୍ ଯୁଦ୍ଧରେ ଅମାନ୍ୟକାରୀଙ୍କୁ ବିଜୟ ଲାଭ ହୋଇଥିଲା ଏବଂ ସେମାନଙ୍କ ସହିତ ଏକ ବୃହତ ସେନାବାହିନୀ ଥିଲା ତଥାପି ଅବୁ ସୁଫୟାନ୍ ଭୟପ୍ରଦ ଅବସ୍ଥାରେ ଥିଲା । ସେ ଇସଲାମକୁ ତଳିତଳାନ୍ତ କରିବା ପାଇଁ ଚାହୁଁଥିଲା କି ଯେପର୍ଯ୍ୟନ୍ତ ତାହା ସହିତ ବହୁଳ ସଂଖ୍ୟାରେ ସୈନ୍ୟସାମନ୍ତ ସାମିଲ ହୋଇ ନାହାନ୍ତି, ସେ ମୁସଲମାନମାନଙ୍କ ବିପକ୍ଷରେ ରଣକ୍ଷେତ୍ରରେ ଓହ୍ଲାଇବ ନାହିଁ । ଯେତେବେଳେ ନବୀଶିରୋମଣୀଙ୍କୁ ଅବୁ ସୁଫୟାନ୍‌ର ଯୁଦ୍ଧ ପ୍ରସ୍ତୁତି ସଂକ୍ରାନ୍ତରେ ଖବର ମିଳିଲା ସେତେବେଳେ ହୁଜୁର[ସ.ଅ] ନିଜ ପଛରେ ହଜରତ ଅବ୍ଦୁଲ୍ଲାଃ ବିନ୍ ଅବି ବିନ୍ ସୁଲୁଲ୍ ଯେକି କପଟବିଶ୍ୱାସୀଙ୍କର ସରଦାର ଅବ୍ଦୁଲ୍ଲାଃ ବିନ୍ ଅବି ବିନ୍ ସୁଲୁଲ୍‌ଙ୍କର ସୁପୁତ୍ର ଥିଲେ **କିନ୍ତୁ ଜଣେ ପକ୍କା ଓ ଜୀବନ ଉତ୍ସର୍ଗୀକାରୀ ସାହାବୀ ଥିଲେ, ତାଙ୍କୁ ମଦିନାର ଅମିର ମୁତୟନ କଲେ ।** ଗୋଟିଏ ବର୍ଣ୍ଣନାନୁଯାୟୀ ହୁଜୁର[ସ.ଅ] ହଜରତ ଅବ୍ଦୁଲ୍ଲାଃ ବିନ୍ ରଓ୍ୱାହା [ର.ଅ]ଙ୍କୁ ମଦିନାର ଅମିର ମୁତୟନ କରିଥିଲେ । ହୁଜୁର[ସ.ଅ] ନିଜ ଧ୍ୱଜା ହଜରତ ଅଲୀ [ର.ଅ]ଙ୍କୁ ପ୍ରଦାନ କରିଥିଲେ । ମୁସଲମାନମାନେ ନିଜ ବ୍ୟବସାୟ ଭିତ୍ତିକ ସାମଗ୍ରୀ ସହିତ ବଦର୍ ଅଭିମୁଖେ ବାହାରି ଯାଇଥିଲେ । ପ୍ରକାଶ୍ୟରେ ତ ମୁସଲମାନମାନେ ଅବୁ ସୁଫୟାନ୍ ବିରୁଦ୍ଧରେ ଘରୁ ବାହାରି ଥିଲେ କିନ୍ତୁ ନିଜ ବ୍ୟବସାୟ ଭିତ୍ତିକ ସାମଗ୍ରୀ ସାଥିରେ ନେଇ ଯିବା ଦର୍ଶାଉ ଥିଲା ଯେ, ପ୍ରଭୁଙ୍କ କୃପାରୁ ସେମାନଙ୍କର ବିଶ୍ୱାସ ଥିଲା କି ସମ୍ଭବତଃ ଅବୁ ସୁଫୟାନ୍ ମୁସଲମାନମାନଙ୍କ ମୁକାବିଲା କରିବାକୁ ଆସିବ ନାହିଁ ଆଉ ଯଦି ଆସେ ତେବେ ଐଶ୍ୱର୍ଯ୍ୟମୟ ପ୍ରଭୁ ଆମମାନଙ୍କୁ ବିଜୟ ମଣ୍ଡିତ କରିବେ । ଏବଂ ମୁସଲମାନମାନେ ସେହି ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ମେଳାରେ ନିଜ ସାମଗ୍ରୀ ବିକ୍ରି କରି ଲାଭାନ୍ୱିତ ହୋଇପାରିବେ । ତେବେ ପରବର୍ତ୍ତୀ ଘଟଣାବଳୀ ଏହା ଦର୍ଶାଉଛି ଯେ, ଠିକ୍ ଏହିପରି ହିଁ ଘଟିଥିଲା ।

ମୁସଲମାନମାନେ ତ ନିଜ ପ୍ରତିଜ୍ଞା ଅନୁଯାୟୀ ରଣକ୍ଷେତ୍ରରେ ପହଞ୍ଚି ଯାଇଥିଲେ କିନ୍ତୁ ଦ୍ୱିତୀୟ ପାର୍ଶ୍ୱରେ ଅବୁ ସୁଫୟାନ୍ କୁରୈଶର ସରଦାରମାନଙ୍କୁ କହିଲା; ଆମେ ନୁଏମ୍‌କୁ ଏହି ଦାୟିତ୍ୱ ପ୍ରଦାନ କରି ପ୍ରେରଣ କରି ଦେଇଛୁ ଯେ, ସେ ମୁସଲମାନମାନଙ୍କୁ ଭୟଭୀତ କରାଇ ସେମାନଙ୍କୁ ଆମ ବିରୁଦ୍ଧରେ ଯୁଦ୍ଧ କରିବାକୁ (ମଦିନାରୁ) ବାହାରିବା ପୂର୍ବରୁ ତାଙ୍କ ସାହାସ ପତିତ କରିଦେବ । ଏହି ଦିଗରେ ସେ ନିଜର ପୂର୍ଣ୍ଣ ପ୍ରୟାସ କରୁଅଛି କିନ୍ତୁ ଆମେ ଗୋଟିଏ ଅବା ଦୁଇ ରାତ୍ରି ପର୍ଯ୍ୟନ୍ତ ରଣକ୍ଷେତ୍ର ଅଭିମୁଖେ (ଯାତ୍ରା) କରିବା, ତା'ପରେ ଆମେ ଫେରି ଆସିବା । ଯଦି ମୁସଲମାନମାନେ ରଣକ୍ଷେତ୍ରରେ ନପହଞ୍ଚିଲେ ତେବେ ଆମେ କହିଦେବା ଯେ, ମୁସଲମାନମାନେ ଯୁଦ୍ଧ କରିବାକୁ ଆସିଲେ ନାହିଁ । ଏପରି ଆମେ ବିଜୟୀ ହୋଇଯିବା, ଆଉ ଯଦି ସେମାନେ ଯୁଦ୍ଧ କରିବାକୁ ଆସନ୍ତି ତେବେ ଆମେ ଫେରି ଆସିବା ଏବଂ କହିଦେବା ଯେ, ଚଳିତ ବର୍ଷ ମରୁଡ଼ି ପଡ଼ିଛି ତେଣୁ ଏହା ଯୁଦ୍ଧ-ଅନୁକୂଳ ସମୟ ନୁହେଁ । ଯେତେବେଳେ ଶସ୍ୟଶାମଳ ଫେରି ଆସିବ ସେତେବେଳେ ଯୁଦ୍ଧ କରିବା ।

କୁରୈଶମାନେ ଅବୁ ସୁଫୟାନ୍‌ର ଏହି ପରାମର୍ଶକୁ ପସନ୍ଦ କଲେ ଏବଂ ତାହା ନେତୃତ୍ୱରେ ଦୁଇ ହଜାର ସୈନିକ ପ୍ରେରଣ କରିଦେଲେ । ମକ୍କାରୁ ମାତ୍ର ୨୨କିଲୋମିଟର ଯାତ୍ରା କରିବା ପରେ ଅବୁ ସୁଫୟାନ୍ ଓ ତାହାର ସୈନିକମାନେ ସାହାସ ହରାଇ ଦେଲେ ଏବଂ ସେମାନେ ମୁସଲମାନମାନଙ୍କ ସହିତ ସଂଘର୍ଷ କରିବାକୁ ସାମର୍ଥ୍ୟ ଜୁଟାଇ ପାରିଲେ ନାହିଁ । ଅତଃ ଅବୁ ସୁଫୟାନ୍ ସୈନିକମାନଙ୍କୁ ମକ୍କା ପ୍ରତ୍ୟାବର୍ତ୍ତନ କରିବାକୁ ଘୋଷଣା କରିଦେଲା ଏବଂ କହିଲା; ତୁମମାନଙ୍କ ସକାଶେ ଶସ୍ୟଶ୍ୟାମଳ ସମୟ ଯୁଦ୍ଧ ପାଇଁ ଅନୁକୂଳ ହେବ । ଏବେ ତ ମରୁଡ଼ି ପଡ଼ିଛି ତେଣୁ ମୁଁ ଏଠାରୁ ଫେରି ଯାଉଛି ତୁମେମାନେ ମଧ୍ୟ ମୋ ସହିତ (ମକ୍କା) ବାହୁଡ଼ି ଚାଲ । ଅବୁ ସୁଫୟାନ୍‌ର ଏହି ନିଷ୍ପତ୍ତିରେ ସମଗ୍ର ଅମାନ୍ୟକାରୀ ଦଳ ମକ୍କା ପ୍ରତ୍ୟାବର୍ତ୍ତନ କଲା ଏବଂ କେହି ଜଣେ

ହେଲେ ମଧ୍ୟ ଏହି ନିଷ୍ପତ୍ତିର ବିରୋଧ କଲେ ନାହିଁ । ଏଥିରୁ ଜ୍ଞାତ ହେଉଛି ଯେ, ଅମାନ୍ୟକାରୀଙ୍କ ଉପରେ ମୁସଲମାନମାନଙ୍କର କିଭଳି ଭୟ ପ୍ରଭୁତ୍ୱ ବିସ୍ତାର କରି ରହିଥିଲା ।

ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ସେଠାରେ ଆଠ ରାତ୍ରୀ ଅବସ୍ଥାନ କରିବା ପରେ (ମଦିନା) ଫେରି ଆସିଥିଲେ । ଏପରି ହଜରତ ମୁହମ୍ମଦସ.ଅ ଓ ଇସଲାମୀୟ ସେନା ମୋଟ ୧୬ ରାତ୍ରୀ ମଦିନା ବାହାରେ ଅତିବାହିତ କରିବା ପରେ ସ୍ୱଗୃହକୁ ଫେରି ଆସିଥିଲେ । ଶତ୍ରୁ ସେମାନଙ୍କ ମୁକାବିଲା କରିବାର ସତ୍ ସାହାସ ଜୁଟାଇ ପାରିଲା ନାହିଁ । ସୁତରାଂ ଏତଦ୍ ଦ୍ୱାରା ଅମାନ୍ୟକାରୀଙ୍କୁ ଖୁବ୍ ଅପଦସ୍ତ ହେବାକୁ ପଡ଼ିଥିଲା, ଅପରପକ୍ଷେ ମୁସଲମାନମାନଙ୍କର ସାହାସ ଊର୍ଦ୍ଧ୍ୱଗାମୀ ହୋଇଥିଲା । ଉକ୍ତ ଅଞ୍ଚଳର କେତେକ ଅମାନ୍ୟକାରୀ କୁରୈଶ ମକ୍କା ଆଡ଼କୁ ଆନତ ରହିଥିଲେ, ହୁଜୁରସ.ଅ ସେମାନଙ୍କ ଉପରେ ନିଜ ଦାମ୍ଭିକତା ସ୍ପଷ୍ଟ କରିବାରୁ ତାଙ୍କ ମନବଳ ଦବିଗଲା । ବଦର୍‌ର କେତେକ ବ୍ୟବସାୟୀ ନିଜ କାରବାର ସାରି ଯେତେବେଳେ ମକ୍କା ଫେରିଲେ ସେତେବେଳେ ସେମାନେ ପୁଣ୍ୟଶ୍ଳୋକ ହଜରତ ମୁହମ୍ମଦ ସ.ଅଙ୍କ ପ୍ରତିଷ୍ଠା, ଗାରିମା ଓ ଦୃଢ଼ ସଙ୍କଳ୍ପ ସମ୍ପର୍କରେ (ଲୋକମାନଙ୍କୁ) ଅବଗତ କରାଇଲେ । **ଯଦ୍ୱାରା ଅବୁ ସୁଫୟାନ୍ ଓ ମକ୍କାବାସୀ ନିଜ ଭୀରୁତା ଓ ପ୍ରତିଶୃତି ଭଙ୍ଗ କରିଥିବା ଯୋଗୁଁ ଅତ୍ୟନ୍ତ ଅପନିନ୍ଦିତ ଓ ଲଜ୍ଜିତ ହେଲେ ।**

ଦ୍ୱିତୀୟରେ ଦୌମତୁଲ୍ ଜନ୍ଦଲ୍ ଯୁଦ୍ଧର ଘଟଣାବଳୀ ରହିଛି । ଯାହାକି ୨୫ ରବିଉଲ୍ ଅୱ୍ୱଲ୍ ୫ହିଜ୍‌ରୀରେ ଘଟିଥିଲା । ଉକ୍ତ ସ୍ଥାନଟି ମଦିନା ଠାରୁ ୪୫୦ କିଲୋମିଟର ଦୂରତାରେ ଅବସ୍ଥିତ ଥିଲା । ପୁରାତନ କାଳରେ ଏହି ଦୂରତା ୧୫ରୁ ୧୭ଦିନରେ ଅତିକ୍ରମ କରାଯାଉଥିଲା । ସେଠାରେ ଏକ ବୃହତ ବ୍ୟବସାୟୀକ ମେଳା ଲାଗୁଥିଲା । ଏହା ପ୍ରଥମ ଅଭିଯାନ ଥିଲା ଯାହାକି ମଦିନାରୁ ବହୁ ଦୂରରେ ରୋମି ସାମ୍ରାଜ୍ୟର ରାଜ୍ୟ ସିରୀୟା ସୀମାନ୍ତରେ ଘଟିବାର ଥିଲା । ଉକ୍ତ ଯୁଦ୍ଧର ଉପକ୍ରମ ଏହା ଥିଲା ଯେ, ମୁସଲମାନମାନଙ୍କ ଠାରୁ ବାରମ୍ବାର ପରାଜିତ ହେବା ଏବଂ ମୁସଲମାନମାନଙ୍କର ଅଭିବୃଦ୍ଧି ଘଟି ଚାଲିଥିବା ପ୍ରତିଷ୍ଠା ଓ ଖ୍ୟାତିକୁ ହୃଦୟଙ୍ଗମ କରି ଶତ୍ରୁ ପକ୍ଷ ଏପରି ସୁଯୋଗର ଅପେକ୍ଷାରେ ରହିଥିଲା କି କିପରି ଇସଲାମକୁ ସମୂଳେ ନିପାତ କରିଦେବେ । ଏହା ବାସ୍ତବରେ କରି ଦେଖାଇବା ପାଇଁ (ସେମାନେ) ମଦିନାର ଉତ୍ତର ପ୍ରାନ୍ତର ଶିର୍ଷରେ ରହିଥିବା ସିରୀୟା ସୀମାନ୍ତ ଅଞ୍ଚଳର ଦୌମତୁଲ୍ ଜନ୍ଦଲ୍ ଆଖପାଖର କବିଲା (ଦଳ) ଇସଲାମୀୟ ସାମ୍ରାଜ୍ୟକୁ ଚ୍ୟାଲେଞ୍ଜ କରି ଏକ ବିଶାଳ ସେନା ଗଠନ କରିବା ଆରମ୍ଭ କଲା ।

ଏମାନେ ଦେଶରେ ଉତ୍ପାତ ଓ ଉପଦ୍ରବ ସୃଷ୍ଟି କରିବାକୁ ଯାଇ ତାଙ୍କ ଅଞ୍ଚଳରୁ ଅତିକ୍ରମ କରୁଥିବା ବ୍ୟବସାୟୀକ ଦଳକୁ ଲୁଟି ନେଉଥିଲେ । ଯେତେବେଳେ ହୁଜୁର ସ.ଅଙ୍କୁ ଏହାର ସୂଚନା ମିଳିଲା ସେତେବେଳେ (ପାରସ୍ପରିକ ପରାମର୍ଶକ୍ରମେ) ନିଷ୍ପତ୍ତି ହେଲା କି ଦୌମତୁଲ୍ ଜନ୍ଦଲ୍ କବିଲା ବିଶାଳ ସେନା ଗଠନ କରି ମଦିନା ଉପରେ ଆକ୍ରମଣ କରିବା ପୂର୍ବରୁ ଉଚିତ୍ ହେବ ଯେ, ସେମାନଙ୍କ ଅଞ୍ଚଳରେ ପହଞ୍ଚି ତାଙ୍କୁ ବିକ୍ଷିପ୍ତ କରିଦେବା । ଯଦ୍ୱାରା ସେମାନେ ମଦିନା ଉପରେ ଆକ୍ରମଣ କରିବାରୁ ନିବୃତ ରହିବେ । ଆଉ ବ୍ୟବସାୟୀକ ଦଳ ଶାନ୍ତି ଓ ସୁରକ୍ଷିତର ସହିତ ସିରୀୟା (ଦେଶକୁ) ଯାତାୟାତ କରିପାରିବେ । ବସ୍ତୁତଃ ହଜରତ ମୁହମ୍ମଦସ.ଅ ମୁସଲମାନମାନଙ୍କୁ ଏହି ଅଭିଯାନରେ ବାହାରିବାକୁ ଆଦେଶ ଦେଲେ, ଏପରି ଏକ ହଜାର ସୈନିକ ଆପଣ ସ.ଅଙ୍କ ସମେତ ମଦିନାରୁ ବାହାରିଗଲେ । ହୁଜୁରସ.ଅ ରାତିରେ ଯାତ୍ରା କରୁଥିଲେ ଏବଂ ଦିବସରେ ଛପି ରହୁଥିଲେ ।

ହଜରତ ମିର୍ଜା ବଶିର ଅହେମଦ ସାହେବର.ଅ କୁହନ୍ତି; ହୁଜୁରସ.ଅ ୧୫/୧୬ଦିନର ସୁଦୀର୍ଘ ଦୂରତା ଅତିକ୍ରମ କରିବା ପରେ ଦୌମତୁଲ୍ ଜନ୍ଦଲ୍ ଅଞ୍ଚଳରେ ପହଞ୍ଚିଲେ । ସେଠାରେ ପହଞ୍ଚି ଜଣା ପଡ଼ିଲା ସେଠାକାର

ବାସିନ୍ଦା ମୁସଲମାନ ସେନାଙ୍କ ଆଗମନର ଖବର ପାଇ ଏଣେତେଣେ ପଳାୟନ କରିଥିଲେ । ଯଦିଓ ହୁଜୁର[ସ.ଅ] ସେଠାରେ କିଛିଦିନ ଅବସ୍ଥାନ କଲେ ଏବଂ ଆପଣ ଛୋଟଛୋଟ ସୈନ୍ୟଦଳ ବିଭିନ୍ନ ଦିଗକୁ ପ୍ରେରଣ କଲେ କିନ୍ତୁ ସେମାନେ ଏପରି ନିଖୋଜ ହୋଇଗଲେ ଯେ, ତାଙ୍କର କୌଣସି ସୁରାକ (ପତ୍ତା) ମିଳିଲା ନାହିଁ । ଦୌମତୁଲ୍ ଜନ୍ଦଲ୍ ଅଞ୍ଚଳରୁ ପ୍ରତ୍ୟାବର୍ତ୍ତନ କରିବା ପରିପ୍ରେକ୍ଷୀରେ ଉଲ୍ଲେଖ ମିଳେ ଯେ, ହୁଜୁର[ସ.ଅ] ସେଠାରେ ତିନିଦିନ ଅବସ୍ଥାନ କରିବା ପରେ ସମ୍ପୂର୍ଣ୍ଣ ସେନା ବାହିନୀ ସହିତ ମଦିନା ଫେରି ଆସିଥିଲେ । ଏହି ଯୁଦ୍ଧ ନିଜ ପରିଣାମ ଓ ପ୍ରତିଫଳ ଦୃଷ୍ଟିକୋଣରୁ ବେଶ ଫଳପ୍ରଦ ସାବ୍ୟସ୍ତ ହୋଇଥିଲା । ଏହି ଅଭିଯାନ (ଯୁଦ୍ଧ) ଦ୍ୱାରା ମୁସଲମାନମାନଙ୍କୁ ସମଗ୍ର ଅଞ୍ଚଳ ସଂକ୍ରାନ୍ତରେ ଅବଗତ ହାସଲ ହୋଇଥିଲା ଏବଂ ଏହା ମଧ୍ୟ ଏକ ଉଦ୍ଦେଶ୍ୟ ଥିଲା ଯେ, ମୁସଲମାନମାନଙ୍କୁ ଉକ୍ତ ଅଞ୍ଚଳର (ପ୍ରାସଙ୍ଗିକତା) ଜ୍ଞାତ ହେଉ ।

ପରିଶେଷରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଦୁଆ କରିବା ପ୍ରତି ମୁଁ ପୁନର୍ବାର ଧ୍ୟାନ ଆକର୍ଷିତ କରାଉଛି । ଦୁଆ କରିବେ ସଂସାରରେ ଶାନ୍ତି ଓ ସଦ୍‌ଭାବନା ଫେରିଆସୁ । ସେହି ଶାନ୍ତି ଯାହାକୁ ପ୍ରତିଷ୍ଠା କରିବା ପାଇଁ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଆଜୀବନ ଆପ୍ରାଣ ଉଦ୍ୟମ କରିଥିଲେ ଏବଂ **ଆପଣ [ସ.ଅ]ଙ୍କ ଆଗମନ ଓ ଇସଲାମୀୟ ନୀତିଶିକ୍ଷାର ମୂଳ ଉଦ୍ଦେଶ୍ୟ ମଧ୍ୟ ଏହା ହିଁ ଥିଲା ।** ତେବେ ଏସବୁ କିଛି ଅଲ୍ଲାଃତାଲାଙ୍କର ବିଶେଷ କୃପା ଯୋଗେ ହିଁ ସମ୍ଭବପର ଏବଂ ଏଥିପାଇଁ ବିଶେଷ ଭାବରେ ଦୁଆ କରିବାର ଆବଶ୍ୟକତା ରହିଛି ।

ଯଦିଚ ପ୍ରତୀତ ହେଉଅଛି ଯେ, ସଂସାରବାସୀ ସ୍ୱଚରଣରେ କୁରାଢ଼ି ମାରିବାକୁ ବସିଛନ୍ତି । ପ୍ରକାଶ୍ୟରେ ଶାନ୍ତି ପ୍ରତିଷ୍ଠା ହେଲା ପରି ଦୃଶ୍ୟମାନ ହେଉ ନାହିଁ । **ଦ୍ୱିତୀୟତଃ** ଏହି ପାଶ୍ଚାତ୍ୟ ଦେଶମାନଙ୍କରେ ଏବେ ମୁସଲମାନମାନଙ୍କ ଖିଲାଫରେ ସ୍ୱରଉତ୍ତୋଳନ ହେବା ତୀବ୍ରତର ହେଉଅଛି । ମନେ ହେଉଅଛି ଯେପରି ଆସନ୍ତାରେ ତାହା ଅଧିକ ତୀବ୍ର ରୂପ ନେବ । **ତେଣୁ ମୁସଲମାନମାନଙ୍କୁ ନିଜ ଅସ୍ତିତ୍ୱ ରକ୍ଷା କରିବା ପାଇଁ ଯତ୍ନବାନ ହେବାକୁ ପଡ଼ିବ, ସଭିଏଁ ଏକ ହୋଇ ନିଜ ଅବସ୍ଥାକୁ ପରିମାର୍ଜିତ କରିବାକୁ ହେବ ।**

ଅଲ୍ଲାଃତାଲା ମୁସଲମାନମାନଙ୍କୁ ଏକଥା ହୃଦୟଙ୍ଗମ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ମୁସଲମାନ ଦେଶ ଯେପରି ସୁଦାନ ଆଦିରେ ମୁସଲମାନମାନେ ପରସ୍ପର ଉପରେ ଅତ୍ୟାଚାର କରୁଛନ୍ତି । ସେମାନଙ୍କ ପାଇଁ ମଧ୍ୟ ଦୁଆ କରିବେ । ସେମାନେ ଧର୍ମର ମୂଳ ଉଦ୍ଦେଶ୍ୟକୁ ପାସୋରି ନିଜ ଭାଇମାନଙ୍କୁ ହତ୍ୟା କରୁଛନ୍ତି । ଏହି କାରଣରୁ ଅଣ ମୁସଲମାନମାନେ ମଧ୍ୟ ତାଙ୍କ ଉପରେ ଅତ୍ୟାଚାର କରିବାକୁ ବଳବତ୍ତର ହେଉଛନ୍ତି । ଅଲ୍ଲାଃତାଲା ସେମାନଙ୍କୁ ଦେଶ ଓ ଜାତିର ସେବାକାରୀ ଓ ଶାନ୍ତି ପ୍ରତିଷ୍ଠାକାରୀ ରୂପେ ଗଢ଼ି ତୋଳନ୍ତୁ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହମ୍‌ଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।